**ଗ୍ରାମୀଣ କୃଷି ମୌସମ ସେବା**
**ଭାରତୀୟ ପାଣିପାଗ ବିଭାଗ**
**ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ**
**ଭୁବନେଶ୍ୱର, ଓଡିଶା**

ଘୁ. ଉଦୟଗିରି, ଓଡିଶା : ୦୨.୦୧.୨୦୨୪ (ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

**Sri Rahul Kumar Sahu**
**Jr. Agrometeorologist**

**ସପ୍ତାହ ସଂଖ୍ୟା- ୦୧**

**ତାରିଖ ୦୨.୦୧.୨୦୨୪**
**ବୁଲେଟିନ ନଂ.୦୧**

## ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର ଅନୁଯାୟୀ ପାଣିପାଗ ପୂର୍ବାନୁମାନ (୦୭.୦୧.୨୦୨୪) ପର୍ଯ୍ୟନ୍ତ

**ଜିଲ୍ଲା କନ୍ଧମାଳ** – ଭାରତୀୟ ପାଣିପାଗ ବିଭାଗ ଭୁବନେଶ୍ୱର ର ପୂର୍ବାନୁମାନ ଅନୁଯାୟୀ, କନ୍ଧମାଳ ଜିଲ୍ଲାରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ନାହି, ଏହା ସହ ଆକାଶ ସଫା ରହିବ। ପବନର ବେଗ ୦୫-୦୬ କି.ମି. ବେଗ ମଧ୍ୟରେ ରହିପାରେ। ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୨୪-୨୫ ଏବଂ ୧୦-୧୩ ଡିଗ୍ରୀ ସେଲସିୟସ ଏବଂ ସକାଳର ଆପେକ୍ଷିକ ଆଦ୍ରତା ଶତକଡା ୬୫-୮୩% ଏବଂ ୨୧-୨୫% ମଧ୍ୟରେ ରହିବାର ସମ୍ଭାବନା ଅଛି।

| ଜିଲ୍ଲା | ତାରିଖ | ବର୍ଷା ମିମି) ( | ସର୍ବାଧିକ ତାପମାତ୍ରା (°ସେଲସିୟସ) | ସର୍ବନିମ୍ନ ତାପମାତ୍ରା(°ସେଲସିୟସ) | ମେଘାଚ୍ଛନ୍ନ (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | ପବନ ର ବେଗ ଘଣ୍ଟା ପ୍ରତି (କିମି) | ପବନ ର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| କନ୍ଧମାଳ | ୦୩-୦୧-୨୦୨୪ | ୦ | ୨୫ | ୧୦ | ୦ | ୮୩ | ୨୫ | ୫ | ୧୫୨ |
| | ୦୪-୦୧-୨୦୨୪ | ୦ | ୨୫ | ୧୧ | ୦ | ୬୯ | ୨୫ | ୬ | ୧୫୮ |
| | ୦୫-୦୧-୨୦୨୪ | ୦ | ୨୪ | ୧୨ | ୦ | ୬୯ | ୨୧ | ୬ | ୧୮୦ |
| | ୦୬-୦୧-୨୦୨୪ | ୦ | ୨୪ | ୧୩ | ୩ | ୬୫ | ୨୫ | ୬ | ୧୬୧ |
| | ୦୭-୦୧-୨୦୨୪ | ୦ | ୨୫ | ୧୩ | ୪ | ୬୫ | ୨୪ | ୬ | ୧୫୬ |

## କୃଷିପାଣିପାଗ ଉପଦେଶାବଳୀ

- ଧାନ ସାଇତି ରଖିଥିବା ବସ୍ତା କିମ୍ଵା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମନି ଫସଫାଇଡ୍ ଟାବଲେଟ ଏକ ଟନ ଧାନ ପିଛା ୩ ଟି (ସମୁଦାୟ ୯ ଗ୍ରାମ ଟାବଲେଟ) କନାରେ ଗୁଡାଇ ରଖନ୍ତୁ । ଏହାପରେ ଭଲଭାବରେ ତାରପୋଲିନ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କା ଜାଗା ନ ରୁହେ ।
- ପ୍ରାଥମିକ ଅବସ୍ଥାରେ ମୁଗରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ନିମ ତେଲ, ନିମ ପିଡିଆ, ନିମ ମଞ୍ଜି କୁ ପ୍ରତି ୨୦-୨୫ ଦିନରେ @୧୦୦ଏମଏଲ/୧୫ ଲିଟର ପାଣିରେ ମିଶାଇ ପନିପରିବା କିମ୍ଵା ଫୁଲ ଗଛରେ ପ୍ରୟୋଗ କରନ୍ତୁ। ଏହାଦ୍ଵାରା ବିଭିନ୍ନ ପ୍ରକାରର ରୋଗ ପୋକ ରୁ ମୁକ୍ତି ମିଳିଥାଏ।
- ପ୍ରାଥମିକ ଅବସ୍ଥାରେ ବାଇଗଣରେ ଗଣ୍ଠି ବିନ୍ଧା ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ପ୍ରାଥମିକ ଅବସ୍ଥାରେ ଫୁଲକୋବିରେ ବୋରନ ପ୍ରୟୋଗ କରି ନ ଥିଲେ ଚାରା ରୋପଣ ର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବା ରି ର ୨ ସପ୍ତାହ ପୂର୍ବରୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ ବୋରାକ୍ସ କିମ୍ଵା ୧-୧.୫ ଗ୍ରାମ ଫୋଲିବୋର କିମ୍ଵା ସୋଲୁବୋର ମିଶାଇ ପତ୍ର ରେ ସିଂଚନ କରନ୍ତୁ ।

- ପ୍ରତି ଦିନ ମାଛ ମାନଙ୍କୁ ତାଙ୍କ ଜୈବିକ ଓଜନର ୨-୩% ହିସାବରେ ତେଲ ପିଡିଆ ଖାଇବାକୁ ଦିଅନ୍ତୁ।

**ଧାନ–**

- ଧାନ ସାଇତି ରଖିଥିବା ବସ୍ତା କିମ୍ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମନି ଫସଫାଇଡ୍ ଟାବଲେଟ ଏକ ଟନ ଧାନ ପିଛା ୩ ଟି (ସମୁଦାୟ ୯ ଗ୍ରାମ ଟାବଲେଟ) କନାରେ ଗୁଡାଇ ରଖନ୍ତୁ ।
- ଏହାପରେ ଭଲଭାବରେ ତାରପୋଲିନ ଘୋଡାଇ ଦିଅଦିନ୍ତୁ ଯେପରିକି କିଛି ଫାଙ୍କା ଜାଗା ନ ରୁହେ । ଯଦି କୋଠରୀର ସନ୍ଧି ଜାଗା କିମ୍ବା କବାଟ ଫାଙ୍କ ଜାଗା ଥାଏ ତେବେ କାଦୁଅ କିମ୍ବା କି ସେଲୋଟ୍ୟାପ ଦେଇ ଭଲ ଭାବରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ ।

**ମୁଗ–**

- ପ୍ରାଥମିକ ଅବସ୍ଥାରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥିଆମେଥୋକଜାମ ନାମକ କୀଟନାଶକ କିମ୍ବା କି ୫୦ ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ହରଡ –**

- ହରଡରେ ପ୍ଲମ ମୋଥ ଦେଖା ଦେଲେ ତାକୁ ଆୟତ କରିବାକୁ ନିମ୍ନଲିଖିତ ମଧ୍ୟରୁ କୌଣସି ଏକ କୁ ବ୍ୟବହାର କରନ୍ତୁ।
- ପକ୍ଷୀ ବସିବା ପାଇଁ ବାଡି ଲଗାନ୍ତୁ ହେକ୍ଟର କୁ ୫୦ ଟି ହିସାବରେ
- ଅଜାଡିରଚଟିନ ୦.୦୩% **WSP** କୁ ୨୫୦୦-୫୦୦୦ ଗ୍ରାମ ପ୍ରତି ହେକ୍ଟର କିମ୍ବା ଡାଇମେଥୋଏଟ ୩୦**EC** ୧୨୩୭ ଗ୍ରାମ/ହେକ୍ଟର କିମ୍ବା ଇମାମେକଟିନ ବେଞ୍ଜୋଏଟ ୫% **SG** ୨୨୦ ଗ୍ରାମ/ହେକ୍ଟର ପକାନ୍ତୁ।

**ବାଇଗଣ:**

- ବାଇଗଣର ପ୍ରାଥମିକ ଅବସ୍ଥାରେ ଗଣ୍ଡି ଏବଂ ଫଳ ବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଆକ୍ରାନ୍ତ ଗଛର ଅଗ ଡାଳଟି ଝାଉଁଳି ପଡେ ଓ ପରେ ଏହି ଝାଉଁଳି ଥିବା ଡାଳଟି ଶୁଖିଯାଏ ।
- ଏହି ପୋକର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଡାଳ, ପତ୍ର ଓ ଫଳ ଗୁଡିକ ସଂଗ୍ରହ କରି ଦୂରରେ ନଷ୍ଟ କରିଦିଅନ୍ତୁ।
- ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।



ଗଣ୍ଡି ବିନ୍ଧା ପୋକ

**ଫୁଲକୋବି:**

- ପ୍ରାଥମିକ ଅବସ୍ଥାରେ ଜମିରେ ବୋରନ ପ୍ରୟୋଗ କରି ନ ଥିଲେ ଚାରା ରୋପଣ ର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବା ରି ର ୨ ସପ୍ତାହ ପୂର୍ବରୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ ବୋରାକ୍ସ କିମ୍ବା ୧-୧.୫ ଗ୍ରାମ ଫୋଲିବୋର କିମ୍ବା ସୋଲୁବୋର ମିଶାଇ ପତ୍ର ରେ ସିଂଚନ କରନ୍ତୁ ।

**ମାଛ ଚାଷ :**

- ଶୀତ ଋତୁରେ ମାଛ ମାନଙ୍କ ଦେହରେ କବକ**,** ବୀଜାଣୁ ଓ ପରଜୀବୀ ଜନିତ "**EUS"** ରୋଗ ଦେଖାଯାଇଥାଏ ।
- ଏହି ରୋଗମାନଙ୍କର ନିରାକରଣ ନିମନ୍ତେ ଏକ ଏକର ପୋଖରୀ ପ୍ରତି ୪୦୦ ମିଲି **CIFAX** କୁ ୪୦ ଲିଟର ପାଣିରେ ମିଶାଇ ବିଶୋଧନ କରନ୍ତୁ।
- ପ୍ରତି ଦିନ ମାଛ ମାନଙ୍କୁ ତାଙ୍କ ଜୈବିକ ଓଜନର ୨-୩% ହିସାବରେ ତେଲ ପିଡିଆ ଖାଇବାକୁ ଦିଅନ୍ତୁ।

**For better agriculture benefits use, OUAT KALINGA products (Seedling, Sampling & QPM, Tissue Culture Plants, Fruits and Vegetables, Value added products, Fingerlings/Yearlings, Poultry chicks, Breeds, Mushroom and Spawns, Bio-fertilizers, Bio-pesticides, Vermi & Vermi Compost).**

ASSOCIATE DIRECTOR OF RESEARCH & NODAL OFFICER